ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in
News ID-IPR/IPR(Od)/1286/21-11-2023

# ଶହୀଦ ଜୟୀ ରାଜଗୁରୁ ଏବଂ ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ଜୟୀ ରାଜଗୁରୁ ମୁକ୍ତି ସଂଗ୍ରାମର ଅନ୍ୟତମ ମହାନାୟକ: ମୁଖ୍ୟ ଅତିଥି

## ଡ. ମହତାବ ଭାରତୀୟ ରାଜନୈତିକ ପ୍ରେକ୍ଷାପଟର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ

: ମୁଖ୍ୟ ଅତିଥି

ଭୁବନେଶ୍ୱର,୨୧/୧୧/୨୦୨୩:

ଦେଶମାତୃକାର ମୁକ୍ତି ପାଇଁ ସ୍ୱାଧୀନତା ସଂଗ୍ରାମରେ ଜୀବନକୁ ଉତ୍ସର୍ଗ କରିଥିବା ବୀରପୁତ୍ରମାନଙ୍କ ମଧ୍ୟରେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଅଗ୍ରଗଣ୍ୟ । ସେ ମୁକ୍ତି ସଂଗ୍ରାମର ଅନ୍ୟତମ ମହାନାୟକ । ଶାସ୍ତ୍ର-ଶସ୍ତ୍ର, ରାଜନୀତି-ଅର୍ଥନୀତି ସବୁ କ୍ଷେତ୍ରରେ ତାଙ୍କର ପାଣ୍ଡିତ୍ୟ ଥିଲା । ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ପ୍ରଥମ ଶହୀଦ ହେଉଛନ୍ତି ଜୟୀ ରାଜଗୁରୁ । ତାଙ୍କ ପାଇଁ ଓଡ଼ିଆ ଜାତି ଗର୍ବିତ । ସେହିପରି ଓଡ଼ିଶାର ଆଉ ଜଣେ ବରପୁତ୍ର ହେଉଛନ୍ତି ଡ. ହରେକୃଷ୍ଣ ମହତାବ । ଭାରତୀୟ ସାମାଜିକ ଓ ରାଜନୈତିକ ପ୍ରେକ୍ଷାପଟରେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ତାଙ୍କର ଜ୍ଞାନ, ଦୂରଦୃଷ୍ଟି ଓ ଓଡ଼ିଶାପ୍ରୀତି ତାଙ୍କୁ ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ଦେଇଛି ବୋଲି ବରିଷ୍ଠ ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ ପ୍ରକାଶ କରିଛନ୍ତି ।

ଆଜି ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜୟୀ ରାଜଗୁରୁ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଏବଂ ନବଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାମଲ କହିଲେ ଯେ ଜୟୀ ରାଜଗୁରୁଙ୍କ ପରି ସାହସୀ, ସ୍ୱାଧୀନଚେତା ସଂଗ୍ରାମୀ କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଭାରତବର୍ଷର ଗର୍ବ ଏବଂ ଗୌରବ । ଭାରତର ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ନବଉତ୍କଳର ନିର୍ମାଣ ଏବଂ ନବ ଭୁବନେଶ୍ୱର ନିର୍ମାଣ ଯାଏଁ ପ୍ରତ୍ୟେକ କ୍ଷେତ୍ରରେ ଡ. ମହତାବଙ୍କ ଅବଦାନ ଅତୁଳନୀୟ । ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ଜୀବନୀ ଓ ଆଦର୍ଶ ଉତ୍ତରପିଢ଼ିଙ୍କ ମାର୍ଗଦର୍ଶନ କରୁଥିବ ବୋଲି ଶ୍ରୀ ସାମଲ ଉଲ୍ଲେଖ କରିଥିଲେ ।

ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର ଏବଂ ଅବସରପ୍ରାପ୍ତ ପ୍ରଶାସକ ଓ ସଂସ୍କୃତିବିତ୍ ଶ୍ରୀ ଦିଗମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟୀ ରାଜଗୁରୁ ଏବଂ ଡ. ମହତାବ ଓଡ଼ିଶାର ଦୁଇ ଯୁଗପୁରୁଷ ବୋଲି ଅଭିହିତ କରିଥିଲେ । ତ୍ୟାଗ, ସେବା ଓ ରାଜନୈତିକ ଦକ୍ଷତା ଓ ନିର୍ଭୀକତା ନିମନ୍ତେ ଉଭୟ ଚିରସ୍ମରଣୀୟ ରହିବେ ବୋଲି ସେ କହିଥିଲେ ।

ବିଶିଷ୍ଟ ସମାଜସେବୀ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୟୀ ରାଜଗୁରୁ ଏବଂ ଡ. ହରେକୃଷ୍ଣ ମହତାବଙ୍କ ଜୀବନାଦର୍ଶର ମହନୀୟ ଦିଗଗୁଡ଼ିକୁ ଉନ୍ମୋଚିତ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଓ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କୁ ଓଡ଼ିଶା ଇତିହାସର ଦୁଇ ମହାନ ସଂଗ୍ରାମୀ ବୋଲି ଅଭିହିତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁ ଓ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ

କରିଥିଲେ ।  ଏହି ଅବସରରେ ଅତିଥିମାନେ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରକାଶିତ ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଏକ ଗବେଷଣାତ୍ମକ ସଂକଳନର ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କରିଥିଲେ । ଶେଷରେ ଜୟୀ ରାଜଗୁରୁ ସ୍ମୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଜୟୀ ରାଜଗୁରୁ ସ୍ମୃତି ପରିଷଦର ସଂପାଦକ ଡ. ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅଂଶୁମାନ ଜେନା ସଂଯୋଜନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ସୌରଭ ପ୍ରଧାନ
ସୂଚନା ଅଧିକାରୀ